**ଉଦ୍ଧାର ହରିଣକୁ ଜଙ୍ଗଲରେ ଛାଡ଼ିଲା ବନ ବିଭାଗ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଖଜୁରୀଡ଼ିହା ଜଙ୍ଗଲରୁ ବୁଧବାର ଏକ ହରିଣକୁ ବନ ବିଭାଗ ଉଦ୍ଧାର କରି ରୋହଣୀଦୁମା ଗାଁ ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଛି। ହରିଣଟି ଖାଦ୍ୟ ଅନ୍ୱେଷଣରେ ଗାଁକୁ ଚାଲି ଆସିଥିଲା। ହାତୀ ଘୋଉଡ଼ାଇବାକୁ ଥିବା ସ୍ଥାନୀୟ ଲୋକେ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ତରଫରୁ ସାହାରପଡ଼ା ବନପାଳ ଭୂପତି ସେଠି ପହଞ୍ଚି ହରିଣକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଜଙ୍ଗଲରେ ଛାଡ଼ିଥିବା କହିଛନ୍ତି।

# ୨ ଦିନରେ ଖୋଲିଲା ୭ ମଣ୍ଡି

## ଧାନର କଟନି ନେଇ ଆରଏମ୍‌ସି ସମ୍ପାଦକଙ୍କ ସହ ଚାଷୀଙ୍କ ଆଲୋଚନା

ତିହିଡ଼ି,୩।୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ମଙ୍ଗଳବାର ଓ ବୁଧବାର ୭ ଧାନମଣ୍ଡି ଖୋଲିଛି। ତେବେ ଧାନର କଟଣିକୁ ନେଇ ଚାଷୀମାନେ ଚିନ୍ତାରେ ଥିବା ବେଳେ ସେ ନେଇ ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ସମ୍ପାଦକ ସଞ୍ଜୟ କୁମାର ଦାସଙ୍କ ସହ ଆଲୋଚନା କରିଛନ୍ତି। ଚାରିତରଫ ସମବାୟ ସମିତିରେ ମଣ୍ଡି ଖୋଲିବା ପରେ ଚାଷୀମାନେ ଧାନର କଟଣି ସମ୍ପର୍କରେ ସମ୍ପାଦକ ଦାସଙ୍କୁ ପଚାରିଥିଲେ। ତେବେ ଧାନର ମାନ ଦେଖି ସରକାରୀ ନିୟମ ଅନୁଯାୟୀ କଟଣି ହେବ ବୋଲି ସମ୍ପାଦକ ଦାସ କହିଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ ଦାସ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ, ସମିତି ସଭାପତି ସୀମାରାଣୀ ବାରିକ, ସମ୍ପାଦକ ମନୋରଞ୍ଜନ ବଳ, ସମିତିସଭ୍ୟ ଦେବେନ୍ଦ୍ର ଦାସ, ସୁଦର୍ଶନ ସ୍ୱାଇଁ, ମୁକ୍ତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳପୁର ସମିତିରେ ମଣ୍ଡି ଖୋଲିବା ସମୟରେ ସଭାପତି ନିତ୍ୟାନନ୍ଦ ବେହେରା, ସମ୍ପାଦକ ଶଙ୍କର୍ଷଣ ଜେନା, ଉପସଭାପତି ରାଜଶ୍ରୀ ଦାସଙ୍କ ସମେତ ଆର୍‌ଏମ୍‌ସି ସମ୍ପାଦକ, ଯୋଗାଣ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିବା ବେଳେ ପାଳିଆବିନ୍ଧା ସମିତିରେ ସଭାପତି ମିନତୀଲତା ଦାସ, ସମ୍ପାଦକ ସଞ୍ଜୟ କୁମାର ନାୟକ, ସରପଞ୍ଚ ଯଶୋଦା ମଲ୍ଲିକ, ଗୌରୀଶଙ୍କର ଜେନା ଓ ନିହାରିକା ବିଶ୍ୱାଳ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ ପ୍ରମୁଖ, ଗାନ୍ଧୀନଗର ସମିତିରେ ସଭାପତି ଭାସ୍କର ଚନ୍ଦ୍ର ନାୟକ, ସମ୍ପାଦକ ଅଚ୍ୟୁତାନନ୍ଦ ମହାନ୍ତି, ସରପଂଚ ଉଦ୍ଧବ ଚରଣ ନାୟକ ଓ କୁନ୍ତଳା ମଲିକ, କମଳାକାନ୍ତ ଦାସ, ରଘୁନାଥ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ବାମନବିନ୍ଧା ସମିତିରେ ଧାନମଣ୍ଡିକୁ ଆର୍‌ଏମ୍‌ସି ସମ୍ପାଦକ ସଞ୍ଜୟ କୁମାର ଦାସ ଉଦ୍ଘାଟନ କରିଥିବା ବେଳେ ସଭାପତି ରାଜେନ୍ଦ୍ର ଦାସ, ସମ୍ପାଦକ ପ୍ରଭାତ କୁମାର ବେହେରା, ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ମଣ୍ଡିରେ ସମିତି ବୋର୍ଡ ସଦସ୍ୟଙ୍କ ସମେତ ଚାଷୀମାନେ ଉପସ୍ଥିତଥିଲେ। ସେହିପରି ସିନ୍ଦୋଳରେ ଲକ୍ଷ୍ମୀନାରାୟଣ ଓ କୋହ୍ଲରେ ନବଗ୍ରହ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମଧ ମଣ୍ଡି ଖୋଲିଛି। ଚଳିତ ବର୍ଷ ଅଖାବୁରାରେ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ କେଉଁ ମିଲର କେଉଁ ସମିତି ଓ ମହିଳା ଗୋଷ୍ଠୀରୁ ଧାନ ନେବେ ତାହା ନିର୍ଦ୍ଧାରଣ ହୋଇଥିବା ବେଳେ ମିଲରମାନେ ଅଖାବୁରା ଦେବା ପରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନସଂଗ୍ରହ ଆରମ୍ଭ ହେବ ବୋଲି ଜଣାଯାଇଛି।



ଆର୍‌ଏମ୍‌ସି ସମ୍ପାଦକଙ୍କ ସହ ଚାଷୀ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ହରିବଳଦେବ ୱାରିୟର ଚାମ୍ପିୟନ

ଖିରିପଦା କ୍ରିକେଟ ଟୁର୍ନାମେଣ୍ଟ

ଗୋପବନ୍ଧୁ ନଗର,୩।୧(ଶାନ୍ତନୁ କୁମାର ମଡୁଆଲ)- ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତସ୍ଥିତ ଖିରିପଦାଠାରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଅଏନ୍‌ଏସ୍ ଥଣ୍ଡରଷ୍ଟ୍ରମ ଏବଂ ହରିବଳଦେବ ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୭ ଓଭର ମ୍ୟାଚ ବିଶିଷ୍ଟ ଖେଳରେ ହରିବଳଦେବ ୱାରିୟର ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୮୦ ରନ କରିଥିଲା। ଜବାବରେ ଅଏନ୍‌ଏସ୍ ଥଣ୍ଡରଷ୍ଟ୍ରମ ୭୫ ରନ କରି ପରାଜୟ ବରଣ କରିଥିଲା। ପ୍ରଭାସ କୁମାର ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ ଓ ଚିତ୍ତରଞ୍ଜନ ବେହେରା ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସମିତି ସଭ୍ୟ ଦିବାକର ଦାସ, ପୂର୍ବତନ ସରପଞ୍ଚ ଯଦୁନାଥ ସିଂ, ଯୁବନେତା ରଞ୍ଜନ କୁମାର ପରିଡା ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଓ ରନର୍ସ ଅପ୍ ଦଳକୁ ୭ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଶିବାନୀ ଶଙ୍କର ଦାଶ, ଚିନ୍ମୟ ଶୀଳ, ପ୍ରଭାସ ମହାନ୍ତି, ରଜତ ଶୀଳ, ଅମିତ ମହାନ୍ତି, ବାଚସ୍ପତି ଜେନା, କ୍ଷିତିଶ କୁମାର ରାଉତ, ହରିଶ ଚନ୍ଦ୍ର ଶୀଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ସରିଲା ନୂଆ-ଓ କାର୍ଯ୍ୟକ୍ରମ

କୃତୀ ଛାତ୍ରୀଙ୍କୁ ପୁରସ୍କୃତ କଲେ ଅତିଥି

କାଳିପଦା, ୩।୧-ବାଲିଆପାଳ ବ୍ଲକ ଅଧୀନ ପଞ୍ଚୁପାଲିଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା, କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ଯୋଗଦେଇ ସରକାରଙ୍କର ନୂଆ-ଓ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରେବତୀ ଜେନା, ଜମ୍ବିରାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମରେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ରାଜକିଶୋର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ରଥ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଓ ଅଧ୍ୟାପକ କୃଷ୍ଣାନନ୍ଦ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ସୁଧୀର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ପଣ୍ଡା କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ କଲେଜ କର୍ମକର୍ତ୍ତା ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଦୁବଲାଗଡ଼ି ବେଳାଭୂମି ମହୋତ୍ସବ ସରିଲା



ଉତ୍ସବରେ ମଞ୍ଚାସୀନ ଅତିଥି।

ରୂପସା, ୩।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ଦୁବଲାଗଡ଼ି ବିଚ୍ କ୍ୟାମ୍ପ ଓନର ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଦୁବଲାଗଡ଼ି ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଆସୋସିଏଶନ ସଭାପତି ରାଜୀବ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ସୁନୀତା ବେହେରା, ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ, ସରପଞ୍ଚ ପ୍ରବୀର କୁମାର ସାହୁ, ସାମାଜିକ କର୍ମୀ ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏବେ ବି ଓଡ଼ିଶା ସଂସ୍କୃତି, ପରମ୍ପରା ଉଦ୍‌ଜୀବିତ ରହିଛି ବୋଲି ଉଦ୍‌ବୋଧନ ଦେଇଥିଲେ। ଉପସ୍ଥିତ ଜନପ୍ରତିନିଧି ଦୁବଲାଗଡ଼ି ବିଚ୍‌ରେ ପିଇବା ପାଣି, ସୁଲଭ ଶୌଚାଳୟ, ବସିବା ପାଇଁ କଂକ୍ରିଟ୍ ଚଟାଣ, ଲାଇଟ୍, ପ୍ରଶସ୍ତ ରାସ୍ତା, ଇତ୍ୟାଦି ଅତି ଶୀଘ୍ର ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସାମାଜିକ କର୍ମୀ ଗୋବିନ୍ଦ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ କଣ୍ଠଶିଳ୍ପୀ ହରିଓମ୍ ଶରଣଂ ଓ ସାଥୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବିତରଣ ପ୍ରକ୍ରିୟାକୁ ସହଜ, ସରଳ କରିବାକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

■ଟିପିଏନ୍‌ଓଡିଏଲ୍ ଗ୍ରାହକ ସେବା କେନ୍ଦ୍ରର ନବୀକରଣ ଗୃହ ଉଦ୍‌ଘାଟିତ

■ବାରିପଦା ଅଭିଯୋଗ ପ୍ରତିବିଧାନ ମଞ୍ଚ ଲୋକାର୍ପିତ

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଟାଟା ପାୱାର ନର୍ଦ୍ଦର୍ଣ୍ଣ ଓ ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନ୍‌ଓଡିଏଲ୍) ପକ୍ଷରୁ ମୟୂରଭଞ୍ଜ ଜିଲା ଉଦଳା ଓ ବାରିପଦା ଗ୍ରାହକ ସେବା କେନ୍ଦ୍ରର ନବୀକରଣ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହା ସହ ବାରିପଦା ଅଭିଯୋଗ ପ୍ରତିବିଧାନ ମଞ୍ଚ (ଜିଆର୍‌ଏଫ୍)ର ମଞ୍ଚ ଲୋକାର୍ପଣ କରାଯାଇଛି। ଟିପିଏନ୍‌ଓଡିଏଲ୍ ସିଇଓ ଭାସ୍କର ସରକାର ଯୋଗଦେଇ ଏହାକୁ ଲୋକାର୍ପଣ କରିଥିବା ବେଳେ ଚିଫ୍ ଅପରେସନ ନିଲେସ ଫୋଟଫଡେ, ସିନିଅର୍‌ଜିଏମ୍‌ଶରତ ଚନ୍ଦ୍ର ମହାଳିକ, ଏସସି ହରିଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ସିଇଓ ସରକାର କହିଥିଲେ ଯେ, ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ତଥା ସେବା ବିତରଣ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିବା ପାଇଁ ଟିପିଏନ୍‌ଓଡିଏଲ୍ ବିଶେଷ ଧ୍ୟାନ ଦେଇ ଆସିଛି। ମୁଖ୍ୟତଃ ଉପଭୋକ୍ତାମାନଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସେମାନଙ୍କ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଗୁରୁତ୍ୱ ଦେଉଛି। ଗ୍ରାହକମାନଙ୍କ ବିଦ୍ୟୁତ୍ ସେବା ସମ୍ପର୍କିତ ଅଭିଯୋଗର ସମାଧାନ ପାଇଁ ଜିଆର୍‌ଏଫ୍ ମଧ ଉପଲବ୍ଧ କରାଯାଇଥିବା ଏବଂ ବାରିପଦା ଜିଆର୍‌ଏଫ୍‌ର ନୂତନ ସଭାପତି ଭାବେ ବ୍ରଜ ସୁନ୍ଦର ପରିଡାଙ୍କୁ ନିଯୁକ୍ତି ଦିଆ ଯାଇଥିବା ସେ ଦର୍ଶାଇଥିଲେ।

# ଜଳିଗଲା ୫ ଏକର ଜମିର ଧାନ

ବାସୁଦେବପୁର,୩।୧(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ରାଜଘରପୋଖରୀ ପଞ୍ଚାୟତ ପାଟଣାସାହିର ୬ ନଂ. ୱାର୍ଡ଼ରେ ବୁଧବାର ମଧ୍ୟାହ୍ନରେ ଏକ ଭୟାବହ ଅଗ୍ନିକାଣ୍ଡରେ ୫ ଏକର ଜମିର ଧାନବଦାଡ଼ି ଜଳିଯାଇଛି। ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ନଷ୍ଟ ହୋଇଯାଇଥିବା ବେଳେ ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ିନାହିଁ। ଗାଁ ଲୋକ ନିଆଁକୁ ଆୟତ କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ବାସୁଦେବପୁର ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ନିଆଁକୁ ଆୟତ କରିଥିଲେ ମଧ ଧାନବଦାଡ଼ି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିକାଣ୍ଡରେ ରତିକାନ୍ତ ମହାନ୍ତି, ତ୍ରିଲୋଚନ ମହାନ୍ତି, ବସନ୍ତ ମହାନ୍ତିଙ୍କ ଧାନବଦାଡ଼ି ପୋଡ଼ିଯାଇଥିବା ଜଣାପଡ଼ିଛି।

# ସିଲିସୁଆଁ ମଧୁପୁରରେ ମିଳୁନି ପାନୀୟଜଳ

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ କଣ୍ଡରାପୋଶି ପଞ୍ଚାୟତ ସିଲିସୁଆଁ ଗ୍ରାମର ମଧୁପୁର ଆଦିବାସୀ ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଏ ନେଇ ବୁଧବାର ବିଜେଡି ପୂର୍ବତନ ନଗରପାଳ ମୀନାମାଝୀଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଗ୍ରାମରେ ପ୍ରାୟ ଏକ ଶହ ପରିବାର ବସବାସ କରୁଥିଲେ ହେଁ ପିଇବା ପାଣି ମିଳୁନି। ସାହିରେ ଏକମାତ୍ର ନଳକୂଅ ଥିବାବେଳେ ଖରାପ ହେଲେ ମହିଳାମାନେ ତିନି କିମି ଦୂରରୁ ପାଣି ସଂଗ୍ରହ କରିବାକୁ ଯିବାକୁ ପଡୁଛି। ସରକାର ପ୍ରତ୍ୟେକ ଘରେ ପାଣି ସୁବିଧା ପହଞ୍ଚାଇବାକୁ ମାଟିତଳେ ପାଇପ ବିଛାଇ ଟ୍ୟାପ୍ ବସାଉଥିବା ବେଳେ ସିଲିସୁଆଁ ମଧୁପୁର ସାହିରେ ପାଇପ୍‌ରେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଉନାହିଁ। ଫଳରେ ପାଣି ପାଇଁ ୧୦୦ ପରିବାର ହଇରାଣ ହେଉଛନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ବାସିନ୍ଦାଙ୍କୁ ପାଣି ଚିନ୍ତାଘାରିଛି। ଜିଲା ପ୍ରଶାସନ ଏହି ଦିଗରେ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଧୁପୁର ଗ୍ରାମବାସୀ।

# ଜାନୁଆରୀ ୮ରୁ ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ

ଖଇରା, ୩।୧(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକର ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଖେଳାଯାଇଆସୁଥିବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ଚଳିତବର୍ଷ ଜାନୁଆରୀ ୮ତାରିଖରୁ ଆରମ୍ଭ ହେବ। ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ମୟୂରଭଞ୍ଜ, ଗଞ୍ଜାମ ଓ ପୁରୀ ଜିଲାରୁ ୮ଟି ଟିମ୍ ଏଥିରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ଅଛି। ୧୦ତାରିଖରେ ପ୍ରଥମ ଓ ୧୪ତାରିଖରେ ଦ୍ୱିତୀୟ ସେମି ଏବଂ ୧୫ତାରିଖରେ ଚିତ୍ତାକର୍ଷକ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ରବିବାର କାର୍ଯ୍ୟକାରୀ ସଭାପତି ଅରୋକ୍ଷ ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଖେଳକୁ କିଭଳି ଶାନ୍ତଶୃଙ୍ଖଳାର ସହ ଆୟୋଜନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଭରତ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରକଳ୍ପ ନିର୍ମାଣରେ ଅନିୟମିତତା ଘଟଣା

# ଭିଜିଲାନ୍ସ ଟିମ୍‌ର ତଦନ୍ତ ଆରମ୍ଭ

ବାସୁଦେବପୁର,୩।୧
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ସୁଦର୍ଶନପୁର ପଞ୍ଚାୟତର ୪ ପ୍ରକଳ୍ପ କାର୍ଯ୍ୟରେ ଆର୍ଥିକ ଅନିୟମିତତା ସହ ନିମ୍ନମାନର କାର୍ଯ୍ୟ ଘଟଣାରେ ବୁଧବାର ଭିଜିଲାନ୍ସ ଟିମ୍ ତଦନ୍ତ ଆରମ୍ଭ କରିଛି। ଭଦ୍ରକ ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଦଳ ସୁଦର୍ଶନପୁର ପଞ୍ଚାୟତରେ ଅଭିଯୋଗ ଆସିଥିବା ୪ ପ୍ରକଳ୍ପର କ୍ଷେତ୍ରୀୟ ଅବସ୍ଥିତ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶିବପ୍ରସାଦ ପଣ୍ଡାଙ୍କୁ ପଚରାଉଚରା କରିଛନ୍ତି। ପ୍ରକାଶ ଯେ, ପଞ୍ଚାୟତରେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ଅମୃତ ସରୋବର ଯୋଜନାରେ ରୋଳାପୋଖରୀ ଖନନ ଓ ମଲିକସାହୀ ବଡ଼ପୋଖରୀ ଖନନରେ ଅନିୟମିତତା ସହିତ କେତେକ ସରକାରୀ ଚାକିରିଆଙ୍କ ନାମରେ ଜବ୍‌କାର୍ଡ଼ ଖୋଲାଯାଇ ଅର୍ଥ ହଡ଼ପ ହେବା, ବିଲ ମଙ୍ଗଳା ପୋଖରୀ ଓ ରାସ୍ତା ନିର୍ମାଣରେ ଚଙ୍କତା ଓ ମୁନିପଦା ଖେଳପଡ଼ିଆ ନିର୍ମାଣ ହୋଇଥିବା ଅନିୟମିତତା ସମ୍ପର୍କରେ ଭିଜିଲାନ୍ସ ପାଖରେ ଲିଖିତ ଅଭିଯୋଗ ହୋଇଥିଲା। ଘଟଣାରେ ଅନିୟମିତତାରେ ସାମିଲ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଯୁବ ସାମାଜିକକର୍ମୀ ତପନ ବାରିକ ଓ ଗ୍ରାମବାସୀ ପଞ୍ଚାୟତ ଅଫିସ ସାମ୍ନାରେ ଗତ ଅଗଷ୍ଟ ୭ ତାରିଖରେ ଧାରଣା ଓ ଅନଶନ କରିଥିଲେ। ବିଳମ୍ବରେ ହେଲେ ମଧ ଭିଜିଲାନ୍ସ ବିଭାଗ ଏହି ଘଟଣାର ଖୋଲତାଡ଼ କରିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

# ଗ୍ରାମ୍ୟ ରାସ୍ତାରେ ବଢୁଛି ଦୁର୍ଘଟଣା

## ବାଇପାସ୍ ରାସ୍ତା ନିର୍ମାଣ ଦାବି

ଝୁମ୍ପୁରା, ୩।୧ (ଶଶୀଭୂଷଣ ସାହୁ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅଧୀନ କୁଟୁଗାଁ ପଞ୍ଚାୟତ ହାତୀଦରୀ ଗ୍ରାମବାସୀ ବାଇପାସ୍ ରାସ୍ତା ନିର୍ମାଣ ଦାବି କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରକୁ ଯାଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗାଁ ମଧ ଦେଇ ଯାଇଥିବା ରାସ୍ତାରେ ଯୋଡ଼ା ଖଣି ମଣ୍ଡଳର ଭାରିଯାନଗୁଡ଼ିକ ବହୁ ସମୟରେ ଚଳାଚଳ କରିବା ଦ୍ୱାରା ସଂକୀର୍ଣ୍ଣ ରାସ୍ତାରେ ଦୁର୍ଘଟଣା ବଢୁଛି। ଦୁଇପାର୍ଶ୍ୱରେ ରାସ୍ତାକୁ ଲାଗି ଘର, ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ରହିଛି। ଯିବାଆସିବା ବେଳେ ଛୋଟ ପିଲାମାନଙ୍କ ପ୍ରତି ବିପଦ ଆଶଙ୍କା ରହୁଛି। ସେହିପରି ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବା ପାଇଁ ପଡୁଛି।

ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଗାଁ ଲୋକେ ଗ୍ରାମସଭା ଡକାଇ ମତାମତ ଲୋଡ଼ିବା ସହ ରେଜୁଲେସନ କପି ମଧ ଜିଲାପାଳଙ୍କୁ ଦେଇଛନ୍ତି। ଗ୍ରାମବାସୀ ମାଗିଆ ମୁଣ୍ଡା, ବାଟୁ ମୁଣ୍ଡା, ଗଙ୍ଗା ମୁଣ୍ଡା, ସାମୁ ମୁଣ୍ଡା, ମଙ୍ଗୁଲୁ ମୁଣ୍ଡା, ପାଣ୍ଡୁ ମୁଣ୍ଡା ପ୍ରମୁଖଙ୍କ ପରିବାର ସଦସ୍ୟ ନିଜସ୍ୱ ଜମିରୁ କିଛି ରାସ୍ତା ପାଇଁ ଛାଡ଼ି ଦେବେ ବୋଲି ଗ୍ରାମସଭାରେ ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ଅନୁମତି ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଯତିନ ମୁଣ୍ଡା, ସୁଶାନ୍ତ ମୁଣ୍ଡା, ଦୀପକ ମୁଣ୍ଡା, ବିଷ୍ଣୁ ମୁଣ୍ଡା, ବୁଧୁରା ମୁଣ୍ଡା, କୁନ୍ତୁ ମହାନ୍ତ ପ୍ରମୁଖ ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଜିଲା ବନଖଣ୍ଡ ଅଧିକାରୀ ଓ ତହସିଲଦାରଙ୍କ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇଛନ୍ତି। ଜିଲାପାଳ ତଦନ୍ତ କରି ରିପୋର୍ଟ ଦେବାକୁ ଝୁମ୍ପୁରା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଗତ ମେ ରେ ମଧ ବାଇପାସ୍ ରାସ୍ତା ନିର୍ମାଣ ଅନୁମତି ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି।

# ବ୍ଲାକ୍‌ବେଲ୍ଟ ପରୀକ୍ଷାରେ କେନ୍ଦୁଝର କ୍ରୀଡ଼ାବିତ୍‌ଙ୍କ ସଫଳତା

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ଏବଂ ଓଡ଼ିଶା ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟରର ମିଳିତ ଆନୁକୂଲ୍ୟରେ ସୋମବାର ଓ ମଙ୍ଗଳବାର କଟକ ବାରବାଟୀ ଷ୍ଟାଡ଼ିୟମ କ୍ଲବ୍ ହାଉସ୍‌ରେ ରାଜ୍ୟସ୍ତରୀୟ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନର ୬ ଜଣ କ୍ରୀଡ଼ାବିତ୍ ଭାଗ ନେଇ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ପରୀକ୍ଷାରେ ପୁଷ୍ପିତା ବାରିକ, କୃତିକାବ୍ୟ ଦାସ, ରିଧିମା ଲାୟକ, ଜ୍ୟୋତ୍ସ୍ନା କୁଲସୁମ, ନିଖିଲ ଦାସ ଓ ସତ୍ୟବ୍ରତ ଜେନା ପ୍ରଥମ ଶ୍ରେଣୀ ବ୍ଲାକ୍‌ବେଲ୍ଟ ହାସିଲ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟର ଦ୍ୱାରା ପରଚାଳିତ ୭ ଡାନ ବ୍ଲାକ୍‌ବେଲ୍ଟ ତଥା କ୍ଲାସ୍ ୱାନ ଅନ୍ତର୍ଜାତୀୟ ରେଫରୀ ଗ୍ରାଣ୍ଡ ମାଷ୍ଟର ଗୋପାଳ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲାର କ୍ରୀଡ଼ାବିତ୍‌ଙ୍କ ସଫଳତା ପାଇଁ ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ଓ କେନ୍ଦୁଝର ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନ୍‌ର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକଙ୍କ ତରଫରୁ ସମସ୍ତ କୃତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟ ସିନିୟର ବ୍ଲାକ୍‌ବେଲ୍ଟ ବିଜେତା ରଞ୍ଜିତ ବେହେରା ସଂଯୋଜନା କରିଥିବା ବେଳେ ସିନିୟର ବ୍ଲାକ୍‌ବେଲ୍ଟ ପ୍ରଶିକ୍ଷକ ଟଙ୍କଧର ନାଏକ, ମନୋଜ ପାତ୍ର, ଅମ୍ବିତ ହାଂସଦା, ଜିତେନ୍ଦ୍ର ଓରାମ, ଦିଗ୍‌ବିଜୟ ବେହେରା, ପାର୍ଥସାରଥୀ ସାହୁ, ଦେବରାଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।




କ୍ରୀଡ଼ାବିତ୍‌ଙ୍କ ସହ ପ୍ରଶିକ୍ଷକ ଓ ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନର ସଦସ୍ୟ।

# ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ ପାଇଁ ଆହ୍ୱାନ




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର, ୩।୧(ମାନସ ବିଶ୍ୱାଳ)

ବାଲେଶ୍ୱରସ୍ଥିତ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ତଥା ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଶିବିରକୁ ଅନୁଷ୍ଠାନ ଅଧକ୍ଷ ଡ. ସଞ୍ଜୟ କୁମାର ଦେ ଉଦ୍‌ଘାଟନ କରିବା ସହ ପରିଚାଳନା କରିଥିଲେ। ୧୬ ନମ୍ବର ୱାର୍ଡର କାଉନସିଲର ସବିତାରାଣୀ ଦାସ, ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ନିଜର ଶ୍ରେଷ୍ଠତା ପ୍ରତ୍ୟେକ କ୍ଷେତ୍ରରେ ପ୍ରତିପାଦନ କରିବା ପାଇଁ ଗୁରୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ।

ଗୁରୁ ଛାତ୍ର ପୁଲିନ ବିହାରୀ ସେନ, ସୌମିକ କୁମାର ସେଠୀ ତଥା ଗୁରୁଛାତ୍ରୀ ତୁଳସୀ ମୁର୍ମୁ, ଅଙ୍ଗେ ନିଭାଇଥିବା ଏହି ନୂଆ-ଓ କାର୍ଯ୍ୟକ୍ରମର ପ୍ରତିଟି ଅନୁଭୂତି ସମସ୍ତଙ୍କ ଆଗରେ ଉପସ୍ଥାପନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ସବିଶେଷ ତଥ୍ୟ ଡ. ବନାନୀ ମହାନ୍ତି, ସାମାଜିକ କାର୍ଯ୍ୟକ୍ରମର ତଥ୍ୟ ଡ. ପ୍ରକାଶ କୁମାର ପ୍ରଧାନ ତଥା ଶାରୀରିକ କାର୍ଯ୍ୟକ୍ରମର ତଥ୍ୟ ସୁମିତ କୁମାର ଜେନା ଉପସ୍ଥାପନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କଳା, ତଥା ସାମାଜିକ କାର୍ଯ୍ୟର ସମାରୋହ ଫଳରେ ଜଣେ ଛାତ୍ରର ସାମଗ୍ରିକ ବିକାଶ ସହିତ ରହିଥିବା ସମ୍ପର୍କ ତଥା ଯୁବଗୋଷ୍ଠୀ ଭାବେ ସମାଜ ପାଇଁ ନିଜର ଭୂମିକା ସମ୍ବନ୍ଧରେ ଅନୁଷ୍ଠାନ ଅଧକ୍ଷ ପ୍ରଫେସର ସଞ୍ଜୟ କୁମାର ଦେ ମତପୋଷଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ତରଫରୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ଭିଡିଓ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ପ୍ରାଧ୍ୟାପିକା ନୈନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପ୍ରାଧ୍ୟାପିକା ଇତିଶ୍ରୀ ବହଳି, ଡଃ କାନ୍ତ ସେଠୀ, ସବିତାଶୋଭା ପ୍ରଧାନ, ଡଃ ନିବେଦିତା ଦାଶ, ବର୍ଷାବର୍ଣ୍ଣାଳି ପାତ୍ର, ଡ. ସୂଚିଲିପ୍‌ସା ଦାଶ, ସହକାରୀ ପ୍ରାଧ୍ୟାପକ ଡ. କୁଳମଣି ସାହୁ, ଡ. ବିଜୟ କୁମାର ସ୍ୱାଇଁ, କଳା ଶିକ୍ଷକ ସଂଗ୍ରାମ କେଶରୀ କର, ଖେଳ ଶିକ୍ଷକ ପ୍ରଦୀପ କୁମାର ଦାସ ତଥା ଅନୁଷ୍ଠାନ କର୍ମକର୍ତ୍ତା ଅନୀଲ କୁମାର ଗିରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମେଡିକାଲ କାର୍ଯ୍ୟ ତଦାରଖ କଲେ ଜିଲାପାଳ

ଭଣ୍ଡାରିପୋଖରୀ,୩।୧
(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ଜିଲାପାଳ ତଦାରଖ କରିଛନ୍ତି। ପାଞ୍ଚ ମହଲା ବିଶିଷ୍ଟ ଅତ୍ୟାଧୁନିକ ନିର୍ମାଣାଧୀନ ସାସ୍ଥ୍ୟକେନ୍ଦ୍ରକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପରିଦର୍ଶନ କରିଥିଲେ। ଯଥାଶୀଘ୍ର ନବ ନିର୍ମିତ ଗୃହ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମେଡିକାଲର ମୁଖ୍ୟ ଫାଟକ, ପାଚେରି ଓ ଆହାର କେନ୍ଦ୍ରର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମଧ କହିଥିଲେ। ଏଥିରେ ତହସିଲଦାର ସରୋଜକାନ୍ତ ନାୟକ, ବିଡିଓ ଦେବଦତ୍ତ ଦାଶ, ବ୍ଲକ୍ ଉପାଧକ୍ଷ ପ୍ରଣତିକାନ୍ତି ସାମଲ, ମେଡିକାଲ ଅଧିକାରୀ ଡା. କମଳାକାନ୍ତ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

**ମିଶନ ଶକ୍ତି ମହିଳାଙ୍କୁ ସ୍କୁଟି ବଣ୍ଟନ**

ଖୁଣ୍ଟା,(ଦେବରଞ୍ଜନ ବେହେରା): ଖୁଣ୍ଟାସ୍ଥିତ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ମିଶନ ଶକ୍ତି ମହିଳାମାନଙ୍କୁ ସ୍କୁଟି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟା ବ୍ଲକ ଅଧୀନରୁ ୧୨ ଜଣଙ୍କୁ ସ୍କୁଟି ପ୍ରଦାନ କରାଯାଇଥିଲା। ସଭାରେ ଶାଖା ପରିଚାଳକ ଜୟଚନ୍ଦ୍ର ସୋରେନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଜିଲା ସଭାପତି ସୁବ୍ରମଣ୍ୟମ ମହାନ୍ତି, ସମ୍ମାନିତ ଅତିଥି ସମବାୟ ବ୍ୟାଙ୍କର ସମ୍ପାଦକ ମହେନ୍ଦ୍ରନାଥ ସାହୁ, ଖୁଣ୍ଟା ବିଡିଓ ଗୌରାଙ୍ଗ ଚରଣ ଘୋଷ ପ୍ରମୁଖ ଯୋଗଦେଇଥିଲେ।



## ସଂକ୍ଷେପରେ

### ୨୫ରୁ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ

ବାଲେଶ୍ୱର,୩।୧(ମାନସ ବିଶ୍ୱାଳ)– ବାଲେଶ୍ୱର ସହର ଏଡ଼ିଏମ୍ ଛକ ସ୍ଥିତ ବ୍ରିଟ୍ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ୨୪ତମ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଆସନ୍ତା ଜାନୁଆରୀ ୨୫ରୁ ୨୮ ତାରିଖ ୪ଦିନ ବ୍ୟାପୀ ପାଳନ ନିମନ୍ତେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚାନ୍ଦିପୁର ବେଳାଭୂମି ନିଜର ଅସ୍ମିତା ହରାଇବା ସହ ସମୁଦ୍ର କୂଳକୁ ଆଉ ପାଣି ଆସୁ ନ ଥିବା ପ୍ରକାଶ କରିଥିଲେ। ଏଥିସହିତ ସମୁଦ୍ର ଭିତରକୁ ୧ କି.ମି. ପର୍ଯ୍ୟନ୍ତ ପାଣିର ଲହରୀ ଘୁଞ୍ଚିଯିବା ଫଳରେ ଚାନ୍ଦିପୁର ବେଳାଭୂମିକୁ ସମୁଦ୍ର ପାଣି ଛୁଇଁ ଯେଉଁ ପ୍ରାକୃତିକ ସୌନ୍ଦର୍ଯ୍ୟ ବଢ଼ାଇବାରେ ସହଯୋଗୀ ହେଉଥିଲା ତାହା ହରାଇ ବସିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଦାବି କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ଏକ ସ୍ମରଣିକା 'ସୁବର୍ଣ୍ଣ ସିକତା' ପ୍ରକାଶ କରାଯିବ। କଳା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଆଦି ବିଷୟକୁ ନେଇ ବହୁ ଉପାଦେୟ ଲେଖା ଏଥିରେ ପ୍ରକାଶ ପାଇବ। ଲେଖକ, ଲେଖିକା ମାନଙ୍କୁ ଏହି ସ୍ମରଣିକା ପାଇଁ ୧୨ ତାରିଖ ସୁଦ୍ଧା ଲେଖା ପଠାଇବାକୁ ଅନୁରୋଧ କରାଯାଇଛି।

### ଚିତ୍ରଶିଳ୍ପୀ ନବ କିଶୋରଙ୍କ ପରଲୋକ

ପାଟଣା,୩।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ଜଣାଶୁଣା ଚିତ୍ରଶିଳ୍ପୀ, ମୂର୍ତ୍ତି କାରିଗର, ସାମାଜିକ କର୍ମୀ ତଥା କର୍ମକାଣ୍ଡ ବିତ୍ ପଣ୍ଡିତ ନବ କିଶୋର ଦିବେଦୀ(୭୬)ଙ୍କ ବୁଧବାର ହୃଦ୍‌ଘାତରେ ଦେହାନ୍ତ ଘଟିଛି। ପାଟଣା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ଅଭିମନ୍ୟୁ ତ୍ରିପାଠୀ, ଅଜିତ ଦାଶ, କଂଗ୍ରେସ ନେତା ଲକ୍ଷ୍ମଣ ଦାଶ, ସନାତନ ଦାଶଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସୁଶାନ୍ତ, ଝିଅ ଶୁଭଶ୍ରୀ, ପୁତୁରା ପ୍ରମୁଖ ଉପସ୍ଥିତ ଥିଲେ। ପାଟଣା ଦୁର୍ଗାଦେଇପୁର ବୈତରଣୀ ନଦୀକୂଳ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ବଡ଼ ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ।

### କଂଗ୍ରେସ ପକ୍ଷରୁ ନୀରବ ମଶାଲ ଶୋଭାଯାତ୍ରା

ଚାନ୍ଦବାଲି,୩।୧(କିଷାନ ପାତ୍ର): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ମତୋ ବଜାରରେ ଚାନ୍ଦବାଲି ବ୍ଲକ୍ କଂଗ୍ରେସ କମିଟି ଓ ଏନ୍‌ଏସି କଂଗ୍ରେସ କମିଟି ପକ୍ଷରୁ ବ୍ଲକ୍ କଂଗ୍ରେସ ସଭାପତି ବୈଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ମଶାଲ ଶୋଭାଯାତ୍ରା କରାଯାଇଛି। କଳିଙ୍ଗନଗର ହତ୍ୟାକାଣ୍ଡର ୧୮ ବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଯୁବ ନେତା ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ ଓ ଯୁବ ସଭାପତି ଶକ୍ତିପ୍ରତାପ ବିଶ୍ୱାଳଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଶୋଭାଯାତ୍ରା ମତୋ ବଜାର ପରିକ୍ରମା କରି ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ପ୍ରାର୍ଥନା କରିଥିଲେ। ବଗଲା ସାହୁ, ଶରତ ଧଳ, ବଦ୍ରୀନାଥ ନାୟକ, ସୁରେନ୍ଦ୍ର ପାଢ଼ୀ, ବୃନ୍ଦାବନ ମହାଳିକ, କଂଗ୍ରେସ ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ପୃଥ୍ୱୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜୟପୁର ଫାଇଟର୍ସ ଚାମ୍ପିୟନ

ଗୋପବନ୍ଧୁ ନଗର,୩।୧(ଶାନ୍ତନୁ କୁମାର ମହୁଆଳ)– ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା କଲେଜ ପଡ଼ିଆରେ ଡିଭାଇନ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ପୁରୁଣା ବାରିପଦା ପ୍ରିମିୟର ଲିଗ୍ ସିଜିନ–୩ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରୋଲେକ୍ସ–୯୦ ଟିମକୁ ହରାଇ ଜୟପୁର ଫାଇଟର୍ସ ଚାମ୍ପିୟନ ହୋଇଥିଲା। ଜୟପୁର ଫାଇଟସର ଅଭିନବ ଦାସ ମ୍ୟାନ ଅଫ ଦି ମ୍ୟାଚ, ଆକାଶ କୁମାର ମାଇତି ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ, ଶ୍ରେଷ୍ଠ ବୋଲର ଭାବେ ତପନ କୁମାର ବିନ୍ଧାଣୀ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥି ସରପଞ୍ଚ ଭୋଳାନାଥ ସିଂ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ ହଜାର ଓ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

# ପ୍ରତ୍ୟେକ ପ୍ରକଳ୍ପର ବିନିଯୋଗ ପ୍ରମାଣପତ୍ର ପ୍ରଦାନ ଲାଗି ତାଗିଦା

ବାଲେଶ୍ୱର, ୩।୧(ମାନସ ବିଶ୍ୱାଳ)



ବୈଠକରେ ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ସହ ଅଧିକାରୀଗଣ।

ବାଲେଶ୍ୱର ସହରସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରେମୁଣା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶିନୀ ମଲ୍ଲିକଙ୍କ ଆବାହକତ୍ୱ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗ ଦ୍ୱାରା ଉଭୟ ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ରେମୁଣା ଓ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗ ଦୀର୍ଘବର୍ଷ ଧରି ସରକାର ମଞ୍ଜୁର କରୁଥିବା ଅର୍ଥ ଖର୍ଚ୍ଚ କରିଥିଲେ ହେଁ ବିନିଯୋଗ ପ୍ରମାଣପତ୍ର ଅଦ୍ୟାବଧି ବିଭାଗକୁ ପ୍ରଦାନ କରି ନ ଥିବାରୁ ବିଧାୟକ ପରିଡ଼ା ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଷ୍ଟାର୍ଟର୍ସ ରିପୋର୍ଟ ସରକାରଙ୍କୁ ଦେବାଲାଗି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉପସ୍ଥିତ ନ ଥିବାରୁ ବିଧାୟକ ପରିଡ଼ା ଅସନ୍ତୋଷ ପ୍ରକାଶ କରି ଆଗାମୀ ୭ଦିନ ପରେ ଏହି ବିଭାଗର ପୁନଃ ସମୀକ୍ଷା କରାଯିବ ବୋଲି କହିଥିଲେ। ରେମୁଣା ନିର୍ବାଚନମଣ୍ଡଳୀର ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ର, ଗୋଷ୍ଠୀ ଉନ୍ନୟନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର, ନର୍ସ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ କାୟାକଳ୍ପ ଯୋଜନାର କାର୍ଯ୍ୟ ସନ୍ତୋଷଜନକ ହୋଇଥିଲେ ମଧ୍ୟ ଠିକାଦାର ପ୍ରାପ୍ୟ ପାଇ ନଥିବାରୁ ତୁରନ୍ତ ଏହି ଅର୍ଥ ଠିକାଦାରଙ୍କ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଅର୍ଥ ପୂର୍ତ୍ତବିଭାଗ ଅଥବା ସ୍ୱାସ୍ଥ୍ୟବିଭାଗ ପ୍ରଦାନ କରିବେ ତାକୁ ନେଇ ବିବାଦ ଲାଗିରହିଥିବାରୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରେମୁଣାରେ ଅର୍ବାନ ପିଏଚସି ପାଇଁ ପୂର୍ବ ଚିହ୍ନଟ କୁରୁଣିଆ ପରିବର୍ତ୍ତେ ତହସିଲଦାରଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ ବାଲଗୋପାଳପୁରରେ ଜମି ଚିହ୍ନଟ କରିବାକୁ ନେଇ ବିଧାୟକ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତରେ ନୂତନ ଭାବେ ବସାଯାଇଥିବା ଟ୍ୟୁବୱେଲଗୁଡ଼ିକର ପ୍ଲାଟ୍‌ଫର୍ମ ନିର୍ମାଣ ସରି ନ ଥିବାକୁ ନେଇ ବୈଠକରେ ଅସନ୍ତୋଷ ଦେଖା ଦେବାରୁ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ୧୫ଦିନ ମଧ୍ୟରେ ପ୍ଲାଟଫର୍ମ ନିର୍ମାଣ ଶେଷ ହେବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ତାଳପଦାର ଜାମୁକା ନାଳ ଉପରେ ପୋଲ ନିର୍ମାଣ ପାଇଁ ୬କୋଟି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲାବେଳେ ଏହି ପ୍ରକଳ୍ପ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ କୌଣସି ସୂଚନା ଦେଇ ନ ପାରିବାରୁ ବୈଠକରେ ବିଧାୟକ ପରିଡ଼ା ଉଦ୍‌ବେଗ ପ୍ରକାଶ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ନିଜେ ସମୀକ୍ଷା ବୈଠକରେ ଉପସ୍ଥିତ ରହିବା ପରିବର୍ତ୍ତେ ସହକାରୀ ଯନ୍ତ୍ରୀଙ୍କୁ ପଠାଇବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୁଣିଥରେ ସମ୍ପୃକ୍ତ ବିଭାଗ ଉପରେ ସମୀକ୍ଷା ପାଇଁ ବିଧାୟକ ପରିଡ଼ା ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ସଦର ବ୍ଲକ ଅଧ୍ୟକ୍ଷ ସୁନିତା ବେହେରା, ରେମୁଣା ବିଡିଓ ସଂଗ୍ରାମ କେଶରୀ ପରିଡ଼ା, ରେମୁଣା ତହସିଲଦାର ଅନୁପ କୁମାର ବେହେରା, ସଦର ବ୍ଲକ ବିଡିଓ ସମରଜିତ କର, ରେମୁଣା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ କୁମାର ଉପାଧ୍ୟାୟ, ସଦର ତହସିଲଦାର ଆଶିଷ କୁମାର ମହାପାତ୍ର ପ୍ରମୁଖ ଥିଲେ।

**ରେମୁଣା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ**

## ଔପଦା ଭାଜପା ପକ୍ଷରୁ ସଚେତନତା ରଥ ପରିକ୍ରମା

ଔପଦା, ୩।୧(ଧରିତ୍ରୀ ପଣ୍ଡା)

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିରର ପ୍ରାଣପ୍ରତିଷ୍ଠା ଜାନୁଆରୀ ୨୨ତାରିଖରେ ହେବାକୁ ଯାଉଥିବାରୁ ସବୁ ବର୍ଗର ବ୍ୟକ୍ତିବିଶେଷ ଏଥିରେ ଯୋଗଦେବା ପାଇଁ ଔପଦା ଭାଜପା ପକ୍ଷରୁ ସଚେତନତା ରଥ ପରିକ୍ରମା କରାଯାଇଛି। ଔପଦା ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ବେହେରା ଓ ଭାଜପା ନେତା ଜିତେନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସଚେତନତା ରଥ ବୁଧବାର ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ବାହାରି ଔପଦା ବଜାର ପରିକ୍ରମା କରିଥିଲା। ରାମ ଭକ୍ତମାନେ ଲୋକଙ୍କୁ ଅକ୍ଷତ ଦେଇ ଅଯୋଧ୍ୟାକୁ ଯିବା ପାଇଁ ନିମନ୍ତ୍ରଣ କରିଥିଲେ। ରଥ ପରିକ୍ରମା ବେଳେ ଅଜୟ ପ୍ରଧାନ, ରାମଚନ୍ଦ୍ର ବେହେରା, ଶାନ୍ତିଲତା ଲେଙ୍କା, ଉପେନ୍ଦ୍ର ପ୍ରସାଦ ପଣ୍ଡା, ଉଦୟ କୁମାର ସ, ପିତାମ୍ବର ବାରିକ, ବିନୟ କୁମାର ପଟ୍ଟନାୟକ, ହରିହର ମହଲା, ଅନନ୍ତ ପ୍ରସାଦ ନନ୍ଦ, ପ୍ରମୋଦ କୁମାର ବେହେରା, ଈଶ୍ୱର ସାମଲ, ଅଲେଖ ଜେନା, ଜଗବନ୍ଧୁ ବିଶ୍ୱାଳଙ୍କ ପରି ବହୁ ଭକ୍ତ ସାମିଲ ଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଭଦ୍ରକ ଏକାଡେମୀକୁ ପୁରସ୍କୃତ କରାଯାଉଛି।

ଭଦ୍ରକ,୩।୧(ସନାତନ ରାଉତ)

ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଭଦ୍ରକ କ୍ରୀଡ଼ା ଉତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଜିଲାର ଗ୍ରାମାଞ୍ଚଳରେ ଥିବା କ୍ରୀଡ଼ାବିତଙ୍କର ପ୍ରତିଭା ବିକାଶ ହୋଇପାରିଛି ବୋଲି କହିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ହକି, ଫୁଟବଲ, ଭଲିବଲ, ଖୋ ଖୋ, କବାଡ଼ି, କ୍ରିକେଟ ଆଦି ୬ଟି ବିଭାଗର ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୁପିନ୍ଦର ମଞ୍ଚ ସଂଯୋଜନା କରିଥିବା ବେଳେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ପରିଷଦର ସହ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଜିଲା କ୍ରୀଡ଼ାଧିକାରୀ ତନ୍ମିତା କର, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିପିଏମ୍ ସଞ୍ଜୟ ବାରିକଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତାରେ ଜିଲାରୁ ୨ ସାମିଲ

ଭଦ୍ରକ,୩।୧(ରବିନାରାୟଣ ଖିଲାର)

ଛତିଶଗଡ଼ର ରାଜନନ୍ଦଗାଁଓ ଠାରେ ହେବାକୁ ଥିବା ଜାତୀୟ ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ ବାସ୍କେଟବଲ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ବିଦ୍ୟାଳୟସ୍ତରୀୟ ବାସ୍କେଟବଲ ଦଳରେ ଭଦ୍ରକ ଜିଲାରୁ ୨ ଖେଳାଳୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭଦ୍ରକ ସରକାରୀ ବାଳିକା ବିଦ୍ୟାଳୟର ୧୦ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ଆଦିତି ବେହେରା ଓ ଲିପ୍ସିଖା ମହାଳିକ। ଆଦ୍ୟାଶା ହଳଦୀଡ଼ିହ ବାଇପାସସ୍ଥିତ ମିର୍ଜାପୁର ଗ୍ରାମର ଦୁଃଶାସନ ବେହେରାଙ୍କ କନ୍ୟା। ଲିପ୍ସିଖା ଚାନ୍ଦବାଲି ବ୍ଲକ୍ ବଡ଼ଓସ୍ତିଆ ଗ୍ରାମର ବିଚିତ୍ରାନନ୍ଦ ମହାଳିକଙ୍କ କନ୍ୟା। ପ୍ରଶିକ୍ଷକ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଦୁଇ ଜଣ ପ୍ରଶିକ୍ଷଣ ନେଉଥିବା ବେଳେ ତାଙ୍କ ମନୋନୟନ ନେଇ ସେ ଉଭୟ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଇପିଇ ମାନସ ରାଉଳ, ଡିଇଓ, ଏଡିଇଓ, ସରାକରୀ ବାଳିକା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# ପତିରାଜପୁର ମେଳା କମିଟିର ବନ୍ଧୁମିଳନ

ଖଇରା, ୩।୧(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ମେଳା କମିଟିର ବନ୍ଧୁମିଳନ ସୋମବାର ପତିରାଜପୁର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମେଳା କମିଟି ସଭାପତି ପିତାମ୍ବର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ପ୍ରତାପ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ସମ୍ପାଦକ ଗୌରାଙ୍ଗ ଚରଣ ପାଣି, ଗୋଳିହା ଗ୍ରାମର ପୁରୁଖା ବ୍ୟକ୍ତି ଯୋଗେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସମସ୍ତେ ଏକ ମନ ଏକ ପ୍ରାଣ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ମେଳା କମିଟି ସଭ୍ୟ ଭୀଷ୍ମଚରଣ ନାୟକ, ଉଦୟ ଚରଣ ନାୟକ, ନିର୍ମଳ କୁମାର ପଣ୍ଡା, ରାମଚନ୍ଦ୍ର ପଣ୍ଡା, କ୍ଷେତ୍ରମୋହନ ଖଟୁଆ, ଶିଶିର କୁମାର ସାମଲ, ବାଳକୃଷ୍ଣ ଦାଶ, ସମିତିସଭ୍ୟ ରଞ୍ଜନ କୁମାର ରାଉତ ପ୍ରମୁଖ ବକ୍ତବ୍ୟରେ ପୂର୍ଣ୍ଣମୀ ଦିନ ଦୋଳ ବିମାନ ଚାରାରୁଢ ଥିବା ପର୍ଯ୍ୟନ୍ତ ଆମିଷ ଭୋଜନ ବ୍ୟବହାର ଉପରେ କଟକଣା ଲଗାଇବାକୁ ପରାମର୍ଶ ଦେଇଥିଲେ। ସମ୍ପଦ ଘଡେଇ ମେଳା ସ୍ଥାନ ଓ ଦିଘି ପୋଖରୀର ଉନ୍ନତିକରଣ କାର୍ଯ୍ୟ ପାଇଁ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦିବଂଗତ ସଦସ୍ୟ ସଞ୍ଜୟ କୁମାର ଦାସ ଓ ପଦନ ଦାସମହାପାତ୍ରଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍ଧବ ଘଡେଇ, ପ୍ରଦୀପ କୁମାର ସାମଲ, ଦୁର୍ଯ୍ୟୋଧନ ନାୟକ ପରିଚାଳନାରେ ସହଯୋଗ କରିଥିଲେ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ଦିର ମାଲିକ ଓ ସେବକ।

# ଓଲଟିଲା ଏକ୍ସୟୁଭି, ହାଇୱା ପଛରେ ଧକ୍କାଦେଲା ବସ୍

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର ମୁଖ୍ୟ ବଜାର ନିକଟରେ ଭାରସାମ୍ୟ ହରାଇ ଏକ (ଓଡି–୧୪–ଡବ୍ଲୁ–୪୪୪୫)ଏକ୍ସୟୁଭି ଓଲଟି ପଡ଼ିଛି। ଦୁର୍ଘଟଣାରେ ଚାଳକଙ୍କ ସମେତ ୪ ଜଣ ବର୍ତ୍ତି ଯାଇଥିଲେ। ସୂଚନାଯୋଗ୍ୟ, ବୁଧବାର ଭୁବନେଶ୍ୱରରୁ ବଡ଼ବିଲ ଭଦ୍ରାସାହି ଟେନସାକୁ ଅଭେଦାନନ୍ଦ ଦାସ ପରିବାର ସହ ଯାଉଥିଲେ। ପଦ୍ମପୁର ବାମପାର୍ଶ୍ୱ ବୁଟିନନା ଜଳଖିଆ ଦୋକାନ ନିକଟରେ ଏକ ବସରୁ ଯାତ୍ରୀ ଓହ୍ଲାଉଥିଲେ। ଏକ୍ସୟୁଭି ଡାହାଣକୁ ଓଭର ଟେକ୍ କରି ଯାଉଥିବାବେଳେ ସମାନ ଦିଗରେ ଯାଉଥିବା ଅନ୍ୟ ଏକ ଗାଡ଼ିକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ସଦର ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ ତଦନ୍ତ ଚଳାଇଛି।

ସେହିପରି ପଳାଶପଙ୍ଗା ଓଭରବ୍ରିଜ ଉପରେ ଆଜି ବ୍ରେକ୍ ଡାଉନ ହୋଇ ଛିଡ଼ା ହୋଇଥିବା ହାଇୱା ପଛରେ ମା' ନାମକ ବସ୍ ଧକ୍କା ହୋଇଛି। ଫଳରେ ଗାଡ଼ିର ସାମ୍ନାଭାଗ ଭାଙ୍ଗି ଯାଇଥିବାବେଳେ ଗାଡି ଭିତରେ ଥିବା ୩୦ଜଣ ଯାତ୍ରୀ ଥିଲେ। ବସ୍ ଭୁବନେଶ୍ୱରରୁ ବଲାଣୀ ଅଭିମୁଖେ ଯାଉଥିଲା। ପଳାଶପଙ୍ଗା ବିଟ ଅଧିକାରୀ ମାନସ ରଞ୍ଜନ ପଣ୍ଡା ଗାଡି ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

## ପୃଥକ ଦୁର୍ଘଟଣାରେ ୨ ମୃତ

ପାଟଣା,୩।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ପୃଥକ ଦୁର୍ଘଟଣାରେ ମଙ୍ଗଳବାର ରାତିରେ ଜଣେ ଟ୍ରାକ୍ଟର ଚାଳକ ଓ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବଡ ଧନୁର୍ଜୟ ପୁର ଗ୍ରାମର ଟ୍ରାକ୍ଟର ଚାଳକ ହରେକୃଷ୍ଣ ମହାନ୍ତ(୨୯) ଓ କଣ୍ଟିଆପଡ଼ା ପଞ୍ଚାୟତ ମାନପୁର ଗ୍ରାମର ଅନିଲ ମହାକୁଡ଼(୨୩)। ହରେକୃଷ୍ଣ ଟ୍ରାକ୍ଟର ଚଳାଇ ଚିନାମାଳିପଶି ଅଭିମୁଖେ ଯାଉଥିଲେ। ସମ୍ମୁଖରୁ ଆସୁଥିବା ଗାଡ଼ିକୁ ସାଇଡ ଦେବା ବେଳେ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଟ୍ରାକ୍ଟର ତଳେ ହରେକୃଷ୍ଣ ଚାପି ହୋଇଯାଇଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ.୩/୨୪)ରୁଜୁ ହୋଇଛି। ଅନ୍ୟପକ୍ଷେ ମାନପୁର ବଲାଣିପଶି ରାସ୍ତା ବଲାଣିପଶି ପୋଲ ଉପରୁ ଅନିଲ ଖସିପଡ଼ିଥିଲେ। ବୁଧବାର ମୃତଦେହ ଏକ ବିଲରେ ପଡ଼ିଥିବା ଲୋକେ ଦେଖି ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

## ମଦ ବିକ୍ରି ରୋକିବାକୁ ଅଣ୍ଟାଭିଡିଲେ ମହିଳା

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଡମ୍ଫୋ ପଞ୍ଚାୟତ ଚକ ଗ୍ରାମରେ ବନବାସୀ ମହିଳାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ମେମ୍ବର ପୁଷ୍ପଲତା ନାୟକ ପରିଚାଳନା କରିଥିଲେ। ଶିକ୍ଷିତା ଅଧିବାସୀ ମହିଳା କଳ୍ପନା ନାୟକଙ୍କ ନେତୃତ୍ୱରେ ଚକ, ନଇଗାଁ, ରଙ୍ଗା ମାଟିଆ, ଚକ ନୂଆସାହି, ଡିପାସାହିର ୬୨ ମହିଳା ଏକତ୍ରିତ ହୋଇଥିଲେ। ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ନୈତିକ ସମର୍ଥନରେ ଆୟୋଜିତ ବୈଠକରେ ବରିଷ୍ଠ ଗାନ୍ଧୀବାଦୀ କର୍ମୀ ଭକ୍ତବତ୍ସଳ ମହାନ୍ତି ଯୋଗଦେଇଥିଲେ। ଏଥିସହ ରବିବାର ନୂଆ ଚକ ସାହି ମହିଳାଙ୍କ ଦ୍ୱାରା ଏକ ସଚେତନତା ରାଲି ବାହାରି ନଇଗାଁ ଦେଇ ବାହାରିବା ପରେ ଧୂପକାଠି କାରଖାନା ଛକରେ ଶେଷ ହେବ ବୋଲି ଆଲୋଚନା ହୋଇଛି। ଜିଲାପାଳ, ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କୁ ମଦ ବନ୍ଦ କରିବାକୁ ଅନୁରୋଧ କରିବେ ବୋଲି କୁହାଯାଇଛି।

# ମୟୂରଭଞ୍ଜରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶିକା

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ମୋରଡ଼ା,(ସ୍ୱାରକ ମାଜୀ), ୩।୧

ସମଗ୍ର ଦେଶରେ ଆଦିବାସୀମାନଙ୍କ ବିକାଶ ପାଇଁ ଆରମ୍ଭ ହୋଇଛି ପିଏମ୍ ଜନମନ ଯୋଜନା। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ କାର୍ଯ୍ୟକାରୀ ହୋଇଛି ଏହି ଯୋଜନା। ଜିଲା ପ୍ରଶାସନ ଏଥିପାଇଁ ତତ୍ପର ଥିବା ବେଳେ ବୁଧବାର କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶିକା ସଂଗୀତା ଗୁପ୍ତା ଜିଲା ଗସ୍ତ କରି ପିଏମ ଜନମନ ଯୋଜନାର ସୁଗମ ମନିଟରିଂ ଏବଂ ଏହାର କାର୍ଯ୍ୟକାରିତା ନିରୀକ୍ଷଣ କରିଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ତଥା ସମସ୍ତ ଜିଲା ଅଧିକାରୀ, ଜିଲା ସମନ୍ୱୟ କମିଟିର ସମସ୍ତ ସଦସ୍ୟ ଏବଂ ଜିଲାସ୍ତରୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଦେଶିକା ଗୁପ୍ତା ଜିଲାର ଯେଉଁ ସବୁ ବ୍ଲକରେ ଏହି ସବୁ କାର୍ଯ୍ୟ ଚାଲିଛି ସେସବୁର ବିଶଦ ବିବରଣୀ ଜିଲାପାଳଙ୍କଠାରୁ ନେଇ ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ନିର୍ଦ୍ଦେଶିକା ଗୁପ୍ତା ମୋରଡା ବ୍ଲକ ଗସ୍ତରେ ଆସି ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓ ଜୟକୃଷ୍ଣ ପାତ୍ର, ତହସିଲଦାର ଉତ୍ତମ ଜେନାଙ୍କ ସମେତ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ତାଙ୍କୁ ସ୍ୱାଗତ ଜଣାଇଥିଲେ। ବ୍ଲକ ସଭା କକ୍ଷରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସହିତ ନିର୍ଦ୍ଦେଶିକା ବିଭିନ୍ନ ବିଷୟ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ମକର ସଂକ୍ରାନ୍ତି ଉପଲକ୍ଷେ ଟୁସୁ ବଣ୍ଟନ

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ବ୍ଲକ୍ ନୂଆଗାଁ ଡିପା ସାହିରେ ଆସନ୍ତା ମକର ସଂକ୍ରାନ୍ତି ଉପଲକ୍ଷେ ଟୁସୁ (ମାଟିର ମୂର୍ତ୍ତି) ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସନ ରାଇଜ ୟୁଥ୍ କ୍ଲବ୍‌ର ସଦସ୍ୟମାନେ ନୂଆଗାଁ, ହାତିକୁଚା, ପୋଇପାଣି, ବିରୋକିଶରପୁର, ରତନପୁର, କାଦଗଡ଼, ବରଦାପାଳ, ମହାଦେଇଯୋଡ଼ା, ବାଙ୍କମାରୁଣୀ, ମରସୁଆଁ, ଝଡ଼ାପସି, ହୁଣ୍ଡୁଳା, କସିରା ଗ୍ରାମର ମା' ଓ ଭଉଣୀମାନଙ୍କୁ ଏକତ୍ର କରି ୪୦ଟି ଟୁସୁ ବଣ୍ଟନ କରିଥିଲେ। ଟୁସୁ ବଣ୍ଟନ ଉତ୍ସବରେ ସଦସ୍ୟମାନେ ତୁଷାର ମହାନ୍ତ, ହରେକୃଷ୍ଣ ମହାନ୍ତ, ମିଥୁନ ମହାନ୍ତ, ବିଦ୍ୟାଧର ମହାନ୍ତ(କ), ରହିତ ମହାନ୍ତ, ଲିପୁନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ(ଖ), ବୁଲୁ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ(କ), ଲୋକନାଥ ମହାନ୍ତ, ସରୋଜ ମହାନ୍ତ, ଶିବୁ ମହାନ୍ତ, ବିଦ୍ୟାଧର ମହାନ୍ତ(ଖ) ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପିପିଳିଆସ୍ଥିତ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ତରଫରୁ ଜିଲା ପରିବହନ କାର୍ଯ୍ୟାଳୟ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିରାକାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଛାତ୍ରୀଛାତ୍ରମାନଙ୍କୁ ମୂଲ୍ୟବାନ ଶିକ୍ଷା ଦେଇଥିଲେ। ଟ୍ରାଫିକ୍ ଇନ୍ସପେକ୍ଟର ସୁକୁରାମ ସୋରେନ, ସଡ଼କ ସୁରକ୍ଷା ଅଧିକାରୀ ତପନ ପାଢୀ, ପ୍ରଶାନ୍ତ ବେହେରା, ସଂଗ୍ରାମ କେଶରୀ ମଲିକ ଓ ଇଣ୍ଟରସେଟର ଅଧିକାରୀ ଭରତ ପଲେଇ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଡ଼କ ସୁରକ୍ଷା ଉପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଅଲେଖ ପ୍ରସାଦ ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ଭିଡିଓଗ୍ରାଫି ମାଧ୍ୟମରେ କାର୍ଯ୍ୟକ୍ରମକୁ ଦେଖିବାର ସୁଯୋଗ ପାଇଥିଲେ। ଶେଷରେ ଅଧ୍ୟାପକ ହେମନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା

ନୀଳଗିରି, ୩।୧(ପ୍ରଶାନ୍ତ ବିଶ୍ୱାଳ)



ନୀଳଗିରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳ ପାହାଡିଆ ହୋଇଥିବାରୁ ଚାଷ ଜମିଗୁଡ଼ିକ ଡାଲୁଆ ହୋଇଥିବାରୁ ବର୍ଷା ପରେ ଜମିରୁ ପାଣି ନିଗିଡିଯାଏ। ଜଳସେଚନ ବ୍ୟବସ୍ଥା ନ ଥିବାରୁ ଯେଉଁ ଛୋଟ ଛୋଟ ବନ୍ଧ ମାନ ନିର୍ମାଣ ହୋଇଥିଲା ତାହା ଆଜି ପର୍ଯ୍ୟନ୍ତ ଚାଷକୁ ପାଣି ଯୋଗାଇବାରେ ବିଫଳ। ୨୦୨୩ ଖରିଫ ଚାଷରେ ଚକଡ଼ା ପୋକ ଲାଗିବା ସମ୍ପର୍କରେ ଗତ ଅକ୍ଟୋବର ୫ ତାରିଖରେ ନୀଳଗିରି ତହସିଲଦାର ଓ ନୀଳଗିରି କୃଷି ଜିଲା ମୁଖ୍ୟଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଦୀର୍ଘ ୨ମାସ ଧରି ଖରିଫ ଚାଷ ପାଇଁ ବର୍ଷା ନ ହେବାରୁ କ୍ଷେତରେ ଥିବା ଧାନଗୁଡ଼ିକ ପାଣି ଅଭାବରୁ ମରିଯାଇଥିଲା। ଏ ସମ୍ପର୍କରେ ନୀଳଗିରି ଉପଜିଲାପାଳଙ୍କ ଜରିଆରେ ଜିଲାପାଳ ବାଲେଶ୍ୱର, ରାଜ୍ୟପାଳ ଓଡ଼ିଶା ଓ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ଚାଷ କ୍ଷତି ସମ୍ପର୍କରେ ଜଣାଯାଇଥିବା (ସିପିଆଇ) ଜିଲା ସମ୍ପାଦକ ନିରଞ୍ଜନ ବାରିକ ମନ୍ତବ୍ୟ ଦେଇଥିଲେ। ପରେ ଚାଷୀନେତା ବିଜୟ ସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ନୀଳଗିରି ଉପଜିଲାପାଳଙ୍କ ମାଧ୍ୟମରେ ବାଲେଶ୍ୱର ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

କୃଷକ ସଭାର ଜିଲା ସଭାପତି ବର୍ଷିଆନ କୃଷକନେତା କୈଳାଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଧାରଣା ଅନୁଷ୍ଠିତ ହୋଇଥିଲା। ଧାରଣାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ସବ୍‌ସିଡ଼ି, ଚଳିତବର୍ଷର କୃଷି ବୀମା, ମାଗଣାରେ ସାର ବିହନ, କାନଭାର୍ସନ ଜରିଆରେ ଚାଷୀଙ୍କୁ ପୁନର୍ବାର ଚାଷ ଋଣ ପ୍ରଦାନ, ଅଚଳ ଏଲ୍‌ଆଇକୁ ସଚଳ କରିବା, ପରୀକ୍ଷା ଫି' ଛାଡ଼, ଖଜଣା ଛାଡ଼, ଜଙ୍ଗଲ ଜମି ପଟ୍ଟାରେ କୃଷି ଋଣ ପ୍ରଦାନ ସମେତ ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ଓ ଆଦିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ ଆଦି ସ୍ଲୋଗାନ ଦିଆଯାଇଥିଲା। ଏହି ଧାରଣାରେ କୈଳାଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ନିରଞ୍ଜନ ବାରିକ, ବିଜୟ ସ, ଜଗନ୍ନାଥ ଟୁଡୁ, ଅନିରୁଦ୍ଧ ବେହେରା ଉଦ୍‌ବୋଧନ ଦେଇଥିଲେ।

**ମରୁଡ଼ି ଅଞ୍ଚଳ ଘୋଷଣା ଦାବି**

## ସଂକ୍ଷେପରେ

### ଶିଆଳ କାମୁଡ଼ାରେ ୬ ଆହତ

ଭଦ୍ରକ,୩।୧(ସନାତନ ରାଉତ)- ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ତଳଦୁମୁକା ଗ୍ରାମରେ ବୁଧବାର ପାଗଳ ଶିଆଳ କାମୁଡ଼ାରେ ୬ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୨ ମହିଳା, ୩ ପୁରୁଷ ଓ ଜଣେ ନାବାଳିକା ଥିବା ଜଣାପଡ଼ିଛି। ସକାଳେ ଗାଁର କମଳାକାନ୍ତ ନାୟକ (୪୮) ଶୌଚ ହେବାକୁ ଯାଇଥିବା ବେଳେ ହଠାତ ଏକ ଶିଆଳ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଗୋଡ଼ ହାତକୁ କାମୁଡ଼ି ଖଣ୍ଡିଆ ଖାବରା କରିଥିଲା। ସେହିପରି ଉମାମଣି ବାରିକ, ଜୟନ୍ତୀ ମଲିକ, ବିଶ୍ୱନାଥ ମଲିକ, ସର୍ବେଶ୍ୱର ଖିଲାର ଓ ଝିନିରାଣୀ ମଲିକ ବିଲକୁ କାମ କରିବାକୁ ଯାଇଥିବା ବେଳେ ଉକ୍ତ ପାଗଳ ଶିଆଳ ଆକ୍ରମଣରେ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁତର କମଳାକାନ୍ତ ଚିକିତ୍ସାଧିନ ଥିବା ବେଳେ ଅନ୍ୟ ଆହତମାନେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ଖବରପାଇ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ମେଡିକାଲରେ ପହଁଚି ଆହତ ମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

### ବାର୍ଷିକ କ୍ରୀଡ଼ା ଉଦଘାଟିତ

ମୋରଡ଼ା,୩।୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ମାଳିହତା ଗ୍ରାମସ୍ଥିତ ଆମ୍ବିସନ କ୍ଲବର ୨୭ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ନେତା ତରୁଣ କୁମାର ଦେ, ସମ୍ମାନିତ ଅତିଥିଭାବେ ମୋରଡ଼ା ସରପଞ୍ଚ ରବି ସିଂ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ କ୍ରିକେଟ ମ୍ୟାଚ ବଳଦିଆ ସହିତ ବେତନଟୀ ମଧ୍ୟରେ ହୋଇଥିବା ବେଳେ ବେତନଟୀ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଗଡିଆ ଟିମ୍ ସହିତ ବରକନ୍ଦ ଟିମ ଖେଳରେ ବରକନ୍ଦ ବିଜୟୀ ହୋଇଥିଲା ଏବଂ କାର୍ଟର ଫାଇନାଲ ମ୍ୟାଚ ବରକନ୍ଦ ଏବଂ ବେତନଟୀ ମଧ୍ୟରେ ହୋଇଥିବା ବେଳେ ବେତନଟୀ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି।

### ଧର୍ମପରାୟଣ ମହିଳାଙ୍କ ପରଲୋକ

ବନ୍ତ,୩।୧(ହରିନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ବାଇପୁର ଗ୍ରାମର ସ୍ୱର୍ଗତ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କ ସ୍ତ୍ରୀ ତଥା ଧର୍ମପରାୟଣ ମହିଳା ଯଶୋଦା ପଣ୍ଡା(୯୬)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ ,ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ସରପଞ୍ଚଙ୍କ ପ୍ରତିନିଧି ରବିନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ ଅଶୋକ କୁମାର ମହାନ୍ତି, ମଣିଭଦ୍ର ବିଶ୍ୱାଳ, ନିରଞ୍ଜନ ମଲ୍ଲିକ, ରତିକାନ୍ତ ଦାସ, ଅଜୟ ପଣ୍ଡା, ଭାଗିରଥି ସାହୁଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ। ପୁତ୍ର ରବିନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ୨ ବର୍ଷ ହେବ ମିଳୁନି ସବ୍‌ସିଡି ଟଙ୍କା

## ଜିଲାପାଳଙ୍କୁ ଗୁହାରି କଲେ ମହିଳାଚାଷୀ

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଗ୍ରହୀ ମହିଳା ବିଶେଷ କରି ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ସହାୟତା ଓ ପ୍ରୋତ୍ସାହନ ମିଳୁ ନ ଥିବାରୁ ଯୋଜନା ଗୁଡ଼ିକର ସଠିକ ରୂପାୟନ ହୋଇପାରୁନାହିଁ। ଫଳରେ ଆଗ୍ରହୀ ଚାଷୀମାନେ ନିରୁତ୍ସାହିତ ହେଉଛନ୍ତି। ଏଭଳି ଜଣେ ଆଦିବାସୀ ମହିଳା ରେବତୀ ନାଏକ ଛତୁ ଚାଷ କରିଥିଲେ ହେଁ ତାଙ୍କୁ ସବ୍‌ସିଡି ବାବଦକୁ ଅର୍ଥ ମିଳି ନ ଥିବାରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସି ଗୁହାରି କରିଛନ୍ତି।

ପ୍ରକାଶ ଯେ, ରେବତୀଙ୍କ ଘର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଦାବାଙ୍କ ଗ୍ରାମରେ। ତାଙ୍କୁ ଉଦ୍ୟାନ ବିଭାଗ କେନ୍ଦୁଝର ଡିଏମ୍ଏଫ୍ ଅନୁଦାନରେ ୨୦୨୧-୨୨ ଆର୍ଥିକ ବର୍ଷରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଛତୁ ଚାଷ ପାଇଁ ଘର ନିର୍ମାଣ କରିବାକୁ କାର୍ଯ୍ୟାଦେଶ (ନଂ. ୮୦୦/୮ ମାର୍ଚ୍ଚ ୨୦୨୨)ରେ ମିଳିଥିଲା। ଉଦ୍ୟାନ ବିଭାଗ ତରଫରୁ ଛତୁ ଘରର ତଦାରଖ କରାଯାଇଥିଲେ ହେଁ ଅଦ୍ୟାବଧି ସବ୍‌ସିଡି ଟଙ୍କା ମିଳି ନ ଥିବା ରେବତୀ ଅଭିଯୋଗ କରିଛନ୍ତି। ସେ ଉଦ୍ୟାନ ବିଭାଗ ଅଫିସକୁ ୬ରୁ ୭ ଥର ଦୌଡ଼ି ଥିଲେ ବି ଉତ୍ତର କାଲି ଆସ କୁହାଯାଏ। ଏଭଳି ଦୀର୍ଘ ୨ ବର୍ଷ ହେଲା ସମୟ ବିତି ଯାଇଥିଲେ ହେଁ ପଇସା ମିଳୁନାହିଁ। ଲୋକଙ୍କଠାରୁ ଧାର କରଜ କରି ଛତୁ ଘର ନିର୍ମାଣ କରିଥିଲେ। କରଜ ଦେଇଥିବା ଲୋକ ପ୍ରତ୍ୟେକ ଦିନ ଘରେ ବସି ରହୁଛନ୍ତି। ଫଳରେ ମାନସିକସ୍ତରରେ ଦୁର୍ବଳ ହୋଇ ପଡ଼ିଥିବା ରେବତୀ କହିଛନ୍ତି। ଏଣୁ ବାଧ ହୋଇ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ଉଦ୍ୟାନ ବିଭାଗ ତୁରନ୍ତ ସବ୍‌ସିଡି ଟଙ୍କା ପ୍ରଦାନ କରିବ ବୋଲି ଜିଲାପାଳଙ୍କଠାରୁ ପ୍ରତିଶ୍ରୁତି ମିଳିଥିବା ସେ କହିଛନ୍ତି।


ମହିଳା ଚାଷୀ ରେବତୀ ନାଏକ।

# ଶକ୍ତି ପ୍ରଦର୍ଶନକଲା କଂଗ୍ରେସ


କଂଗ୍ରେସର କର୍ମୀ ସମ୍ମିଳନୀ।

ଚାନ୍ଦବାଲି,୩।୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ନୂଆଗାଁ ପଞ୍ଚାୟତରେ କଂଗ୍ରେସ ଶକ୍ତି ପଦର୍ଶନ କରିଛି । ଅନ୍ୟ ଦଳ ଛାଡ଼ି ୧୫ ପରିବାର କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ବ୍ଲକ କଂଗ୍ରେସ କମିଟି ସଭାପତି ତ୍ରୈଲୋଚନ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ନେତା ଅମୀୟ ମହାପାତ୍ର, ଦିଗମ୍ବର ଦାସ, ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ଯୁବ ନେତା ଶକ୍ତି ପ୍ରତାପ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ସୁଭାଶିଷ ମଲ୍ଲିକ, ମଧୁ ଜେନା, ଟିଙ୍କୁ ଜେନା, ନନ୍ଦ ଜେନା, କୃପାସିନ୍ଧୁ ଜେନା, ଜିତେନ୍ଦ୍ର ଜେନା, ଦଲୁ ଜେନା, ବସନ୍ତ ଜେନା, ଶ୍ୟାମ ଜେନା, ଭସିଆ ଜେନା, ବାଇଧର ଜେନା, ଅଭିମନ୍ୟୁ ଜେନା, ନିରାକାର ଜେନା, ଚନ୍ଦ୍ରଶେଖର ଜେନା, ପୀତବାସ ଜେନା, ରୁଗା ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦାବିପତ୍ର ଦେବାକୁ ଆସିଥିବା ଭାଜପା ନେତୃମଣ୍ଡଳୀ ଓ କର୍ମକର୍ତ୍ତା।

କେନ୍ଦୁଝର,୩।୧(ଦୀପକ ମିଶ୍ର /ନରେଶ ଚନ୍ଦ୍ର ପଟ୍ଟନାୟକ)

## ଧାନମଣ୍ଡିରେ ଅବ୍ୟବସ୍ଥା

କେନ୍ଦୁଝର ଜିଲାରେ ଧାନ ମଣ୍ଡିରେ ବ୍ୟାପକ ଅନିୟମିତତା ଦେଖାଯାଇଛି। କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩.୦୦ ଟଙ୍କା ଧାର୍ଯ୍ୟ କରିଥିବାବେଳେ ସବୁଦିନ ଧାନମଣ୍ଡି ଖୋଲୁ ନ ଥିବାରୁ ଚାଷୀ ବାଧ ହୋଇ ଧାନ କୁଇଣ୍ଟାଲ ପ୍ରତି ୧୩୦୦ ରୁ ୧୪୦୦ ଟଙ୍କା ମୂଲ୍ୟରେ ଦଲାଲମାନଙ୍କୁ ବିକ୍ରି କରୁଛନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ବୁଧବାର ଜିଲାପାଳଙ୍କୁ ଭେଟି ଭାଜପା କୃଷକ ମୋର୍ଚ୍ଚା ଦାବିପତ୍ର ପ୍ରଦାନ କରିଥିଲେ। ଭାଜପା ଅଭିଯୋଗ କରିଛିଯେ, ଧାନମଣ୍ଡିରେ ଧାନର ମାନ ନିର୍ଦ୍ଧାରଣ କରିବାକୁ ଥିବା କର୍ତ୍ତୃପକ୍ଷଙ୍କ ଦେଖା ମିଳୁନାହିଁ। ମଣ୍ଡିରେ କୁଇଣ୍ଟାଲ ପ୍ରତି ୮ରୁ ୧୦ କେଜି କିଲୋ କଟନି ଛଟନି କରି ଚାଷୀଙ୍କୁ ଶୋଷଣ କରାଯାଉଛି। ଚାଷୀମାନଙ୍କୁ ବସ୍ତା ପାଇଁ ମିଳୁଥିବା ଟଙ୍କା ଓ ଚାଷୀ ଘରୁ ମଣ୍ଡିକୁ ଆଣୁଥିବା ଗାଡ଼ି ଭଡ଼ା ମଧ୍ୟ ଆଉ ଦେଉନାହାନ୍ତି। ଆଜି ପର୍ଯ୍ୟନ୍ତ ଚାଷୀ ଟୋକନ ପାଇ ନାହିଁ। କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗୀରଥି ସିଂ, ସାଧାରଣ ସମ୍ପାଦକ କୃଷକ ମୋର୍ଚ୍ଚା ଯୁଧିଷ୍ଠିର ମଲ୍ଲିକ, ଜିଲା ଉପ ସଭାପତି କୃଷକ ମୋର୍ଚ୍ଚା କୃଷ୍ଣଚନ୍ଦ୍ର ମହାନ୍ତ, ଉପସଭାପତି କୃଷକ ମୋର୍ଚ୍ଚା ବିଭିଷଣ ନନ୍ଦ, ସତ୍ୟବ୍ରତ ନାଏକ, ହେମନ୍ତ ମହାନ୍ତ, କୃଷ୍ଣ ଜୁଆଙ୍ଗ, ଅଖିଳ ଚରଣ ନାଏକ, ନାଗେଶ୍ୱର ମହାରଣା, କିରଣବାଲା ନାୟକ, ତରଣି ମହାନ୍ତ, ରଞ୍ଜିତ ନାୟକ, ସିଦ୍ଧେଶ୍ୱର ମହାନ୍ତ, ପ୍ରଶ୍ନ ନାଏକ, ରବି ନାରାୟଣ ମହାନ୍ତ ପ୍ରମୁଖ ଭାଜପା କୃଷକ ମୋର୍ଚ୍ଚାର କର୍ମକର୍ତ୍ତା ଓ ଜିଲାର କୃଷକମାନେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଯାମଦା ଥାନାରେ ନୂଆ ଅଧିକାରୀଙ୍କ ଯୋଗଦାନ

ରାଇରଙ୍ଗପୁର,୩।୧(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସର୍କଲ ଅଧୀନ ଯାମଦା ଥାନାର ନବ ନିଯୁକ୍ତ ଅଫିସର ଇନଚାର୍ଯ୍ୟ ( ଓ.ଆଇ.ସି.) ମାବେ ମଧୁସୂଦନ ଦତ୍ତ ବୁଧବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ସେକେଣ୍ଡ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ଯାମଦା ଥାନା ଅଧିକାରୀ ମୀନତି ନାଏକଙ୍କୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ସେକେଣ୍ଡ ଅଫିସର ଭାବେ ବଦଳି କରାଯାଇଛି। ଏହି ଅବସରରେ ନୂତନ ଓ.ଆଇ.ସି. ଦତ୍ତ ଆଇନ ଶୃଙ୍ଖଳା ସୁରକ୍ଷା ଏବଂ ଥାନାର ବିଭିନ୍ନ ସମସ୍ୟା ଦିଗରେ ଆଲୋଚନା କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

ଆଗରପଡ଼ା,୩।୧(ସୁଶାନ୍ତ ଦାଶ)

ବନ୍ତ ବ୍ଲକ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଆଗରପଡ଼ା ଶାଖାର ବିଂଶତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଅବସରପ୍ରାପ୍ତ କର୍ମଚାରୀମାନେ ବୟସର ଅପରାହ୍ନରେ ପ୍ରଶଂସନୀୟ କାର୍ଯ୍ୟ କରି ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତୁ ବୋଲି କହିଥିଲେ। ସଂଘ ସଭାପତି ଶିକ୍ଷାବିତ୍ ରାମଚନ୍ଦ୍ର ନାୟକଙ୍କ ମଞ୍ଚ ପରିଚାଳନାରେ ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ଆଗରପଡ଼ାର ଅଧକ୍ଷ ଡ଼.କାର୍ତ୍ତିକେଶ୍ୱର ରାଉଳ, ଅନ୍ୟତମ ଅତିଥି ଭାବେ ପୁରୁଷଣ୍ଡ ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ଦାଶ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ଉପେନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ସମ୍ପାଦକ ରବୀନ୍ଦ୍ର ଆଇଚ ବାର୍ଷିକ ବିବରଣୀ ପାଠ ଓ ଉପସଭାପତି ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପହଞ୍ଚିଲେ ଜଏଣ୍ଟ ଟାସ୍କଫୋର୍ସ

## ହାତୀର ଗଳିତ ମୃତଦେହ ଜବତ ଘଟଣା

ନୀଳଗିରି, ୩।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟ ଅଧୀନ ବିଷ୍ଣୁପୁର ପାହାଡ଼ରେ ଗତ ୨ତାରିଖରେ ଏକ ହାତୀର ଗଳିତ ମୃତଦେହ ଜବତ ଘଟଣା ପରେ ବୁଧବାର ଘଟଣାସ୍ଥଳରେ ପହଞ୍ଚିଲେ ଜଏଣ୍ଟ ଟାସ୍କ ଫୋର୍ସର ଅଧିକାରୀ। ବାଲେଶ୍ୱର ଡିଏଫ୍ଓ ଖୁସବନ୍ତ ସିଂହ, ବାଲେଶ୍ୱର ଏସିଏଫ୍ ସୋଭନ ଦିଗନ୍ତ ଚାନ୍ଦ, କୁଲଡ଼ିହା ରେଞ୍ଜର ପ୍ରବୀର ମୁର୍ମୁ, ସ୍ଥାନୀୟ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସରପଞ୍ଚ, ସ୍ଥାନୀୟ ବନ କର୍ମଚାରୀ ଓ ୩ ଜଣ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ହାତୀର ବ୍ୟବଚ୍ଛେଦ କରି ପୋଡ଼ି ଦିଆଯାଇଥିଲା। ପ୍ରାଥମିକ ତଦନ୍ତରୁ ଗଳିତ ହାତୀର ମୃତଦେହ ପାଖାପାଖି ୨୦ ଦିନରୁ ଉର୍ଦ୍ଧ୍ୱ ହୋଇଥିବା ବନବିଭାଗ ଅନୁମାନ କରିଛି। ହାତୀର ବୟସ, ଲିଙ୍ଗ ଜାଣିବା ପାଇଁ ସଂଗୃହୀତ ତିନୋଟି ନମୁନା ବନ୍ୟଜନ୍ତୁ ସ୍ୱାସ୍ଥ୍ୟ, ଓୟୁଏଟିକୁ ପଠାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ।

ଏହି କୁଲଡ଼ିହା ଅଭୟାରଣ୍ୟରେ ପାଖାପାଖି ୧୦୦ ହାତୀ ରହୁଥିବା ବେଳେ ପ୍ରତିଦିନ ସ୍ଥାନୀୟ ବନ କର୍ମଚାରୀମାନେ ପାଟ୍ରୋଲିଂ କରିଥାନ୍ତି। ଏପରିସ୍ଥଳେ ୨୦ଦିନ ହେବ ଏକ ହାତୀର ଗଳିତ ମୃତଦେହ ଥିବା ବନବିଭାଗ ଜାଣିପାରିଲା ନାହିଁ କିପରି। ଗତ ଏକ ବର୍ଷ ମଧ୍ୟରେ ଗୋଟିଏ ପରେ ଗୋଟିଏ ହାତୀର ମୃତ୍ୟୁକୁ ନେଇ ହାତୀ ସୁରକ୍ଷା ଦିଗରେ ବନବିଭାଗ କେତେ ତତ୍ପର ଅଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

# ଜିଲା ଟିମ୍ ଘୋଷଣାକଲା ଭାଜପା

କେନ୍ଦୁଝର,୩।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ନୂତନ ଜିଲା ଟିମ୍ ଘୋଷଣା କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଏହି ଟିମ୍‌ରେ ୨୧ଜଣ ଜିଲା ପଦାଧିକାରୀ, ୭୦ ଜଣ ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ୭ ମୋର୍ଚ୍ଚାର ଜିଲା ସଭାପତି, ୧୮ଟି ସେଲର ସଂଯୋଜକ ଏବଂ ସହ ସଂଯୋଜକ, ୯ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ସମେତ ୪୭ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ସ୍ଥାନ ପାଇଛନ୍ତି। ଜିଲା ଭାଜପା ଉପ ସଭାପତି ଭାବେ ଗଣେଶ୍ୱର ମହାନ୍ତ, ଗୋପୀନାଥ ରାମ, ନିରାକାର ଦଳେଇ, ଉଦୟନାଥ ସାହୁ, ଦେବପ୍ରସାଦ ମିଶ୍ର, ଅଗ୍ନି ଚରଣ ମହାନ୍ତ, ସ୍ୱପ୍ନା ସାହୁ, ଅସୀମା ମିଶ୍ର ସ୍ଥାନ ପାଇଛନ୍ତି। ଜିଲା ସାଧାରଣ ସମ୍ପାଦକ ଭାବେ ଶୁକଦେବ ମହାନ୍ତ, ଅନୁବ୍ରତ ବେହେରା ଏବଂ ଜ୍ଞାନ ରଞ୍ଜନ ସାମନ୍ତସିଂହାରଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଜିଲା ସମ୍ପାଦକ ଭାବେ ପୂର୍ବତନ ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ମାନସ ନାଏକ ଏବଂ ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକଙ୍କୁ ସୁଯୋଗ ମିଳିଛି। ବିଜୟଲକ୍ଷ୍ମୀ ପାତ୍ର, ଲୀଳାବତୀ ଫୁଟକାର, ଦୀପକ ଜେନା, ନୀଳମଣି ମହାନ୍ତ, କଳ୍ପନା ରାଉତ, ଯଶଶୀନି ବଳଙ୍କୁ ମଧ୍ୟ ସ୍ଥାନ ମିଳିଛି। ଶିବ କୁମାର ରାଠୋରଙ୍କୁ ଜିଲା କୋଷାଧ୍ୟକ୍ଷ ଏବଂ ପ୍ରକାଶ ସୂତ୍ରଧରଙ୍କୁ କାର୍ଯ୍ୟାଳୟ ସମ୍ପାଦକ ଦାୟିତ୍ୱ ମିଳିଛି। ଜିଲା ଯୁବମୋର୍ଚ୍ଚା ସଭାପତି ଭାବେ ସବୀର ଦାଶ, ଜିଲା ମହିଳା ମୋର୍ଚ୍ଚା ସଭାପତି ମମତା ସିଂ, କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂ, ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରାଉତ, ଆଦିବାସୀ ମୋର୍ଚ୍ଚା ସଭାପତି କମଳାକାନ୍ତ ସିଂ, ଅନୁସୂଚୀତ ଜାତି ମୋର୍ଚ୍ଚା ସଭାପତି ସୁକାନ୍ତ ଜେନା ଏବଂ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ମହତାବ ଆଲମଙ୍କୁ ଟିମ୍‌ରେ ସ୍ଥାନ ମିଳିଛି। ୭୦ ଜିଲା କାର୍ଯ୍ୟକାରିଣୀଙ୍କ ସହିତ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ମଧ୍ୟ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି।

# ତୀର୍ଥକ୍ଷେତ୍ର ଯିବେ ୨୪୫ ଦମ୍ପତି

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆସନ୍ତା ୫ ତାରିଖରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଜିଲା ସଦର ମହକୁମା ବାରିପଦାଠାରୁ ଗୁରୁବାରଠାରୁ ତୀର୍ଥ ଯାତ୍ରୀମାନେ ବାହାରିବେ। ଜିଲାପାଳ ବିନୀତ ଭରଦ୍ୱାଜ ଏହି ତୀର୍ଥ ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ସୂଚନା ଅନୁଯାୟୀ, ସମଗ୍ର ଜିଲାରୁ ୬୨୮ଟି ଆବେଦନ ପତ୍ର ଗ୍ରହଣ ହୋଇଥିବା ବେଳେ ୩୪ଟି ଆବେଦନକୁ ଖାରଜ କରାଯାଇଛି। ପ୍ରଥମେ ସର୍ବମୋଟ ୨୪୫ ବରିଷ୍ଠ ଦମ୍ପତିଙ୍କୁ ଏହି ତୀର୍ଥ ଯାତ୍ରାରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ଏବଂ ଓଁକାରେଶ୍ୱର ତୀର୍ଥସ୍ଥାନକୁ ନିଆଯିବ। ଏହି କାର୍ଯ୍ୟକ୍ରମର ଜିଲା ସଞ୍ଚାଳିକା ସତ୍ୟଭାମା ବେହେରାଙ୍କ ସୂଚନା ଅନୁସାରେ, ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱଳ୍ପ ସମୟ ରହଣି ବ୍ୟବସ୍ଥା ଜିଲା ସଦର ମହକୁମା ବାରିପଦା ଷ୍ଟାଡିୟମଠାରେ କରାଯିବ। ସେଠାରେ ସେମାନଙ୍କ ଖାଦ୍ୟପେୟ, ଶୌଚ ଆଦି ବ୍ୟବସ୍ଥା କରାଯିବା ସହିତ ସେହିଦିନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟ କରାଯିବାର ବ୍ୟବସ୍ଥା ହୋଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକମାନଙ୍କ ସୂଚନା ଓ ବିଭିନ୍ନ ବିଷୟରେ ଅବଗତି ପାଇଁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଡାକବାଜି ଯନ୍ତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି।

# ରେଳ ଓଭରବ୍ରିଜ୍ ନିର୍ମାଣରେ କଚ୍ଛପ ଗତି


ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଏକ ପ୍ରତିନିଧିଦଳ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ୧୧ରେ ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ଗଣଧାରଣା

ଜଳେଶ୍ୱର, ୩।୧(ନବୀନ ସାହୁ)

ଜଳେଶ୍ୱର ରେଳ ଓଭରବ୍ରିଜ ଏଲ୍‌ସି ନଂ. ୪୫ର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ୨୦୧୮ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଦୀର୍ଘ ୫ ବର୍ଷ ବିତିଗଲେ ବି ସମ୍ପୂର୍ଣ୍ଣ ହେବାର ଦେଖାଯାଉନାହିଁ। ଏକା ସାଙ୍ଗରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ରାଜଘାଟ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାୟ ବର୍ଷେ ହେବ ସମ୍ପୂର୍ଣ୍ଣ ହୋଇ ଯାତାୟାତ ଆରମ୍ଭ ହେଲାଣି। ମାତ୍ର ଜଳେଶ୍ୱର ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ କରିବାର ଅବଧିକୁ ଦୁଇ ଥର ବୃଦ୍ଧି କରାଯାଇ ଗତବର୍ଷ ଅକ୍ଟୋବର ୩୦ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାର ଘୋଷଣା କରାଯିବା ସତ୍ତ୍ୱେ ଏହା ହୋଇପାରିନାହିଁ। ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ମଞ୍ଚ ତରଫରୁ ବାଧ ହୋଇ ଆସନ୍ତା ୧୧ ତାରିଖରେ ପୂର୍ତ୍ତ ଉପଖଣ୍ଡ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ପ୍ରକାଶଥାଉ କି ଜଳେଶ୍ୱର ରେଳଫାଟକ ଅନେକ ସମୟରେ ବନ୍ଦ ରହିଥିବାରୁ ଏହା ଉପରେ ନିର୍ଭର କରୁଥିବା ଜଳେଶ୍ୱର, ଭୋଗରାଇ ଓ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳର ଲକ୍ଷାଧିକ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ଆମ୍ବୁଲାନ୍ସ ଓ ରୋଗୀ ହସ୍ପିଟାଲ ପହଞ୍ଚିବା ପୂର୍ବରୁ ମୃତ୍ୟୁବରଣ କରୁଛନ୍ତି। ଘଟଣାର ଗୁରୁତ୍ୱ ଉପଲବ୍ଧି କରି ମଞ୍ଚ ପକ୍ଷରୁ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଗତ ଡିସେମ୍ବର ୩୧ ତାରିଖ ସୁଦ୍ଧା ଶେଷ ନ ହେଲେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ତେଣୁ ବୁଧବାର ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଏକ ପ୍ରତିନିଧିଦଳ ପୂର୍ତ୍ତ ଉପଖଣ୍ଡ ଯନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧିଦଳରେ ମଞ୍ଚର କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ଡ. ଲଳିତ ରଞ୍ଜନ ସେନାପତି, ସହସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ ପ୍ରମୁଖ ଉପସ୍ଥିତ ରହି ବାଲେଶ୍ୱର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ରର ନକଲ ପୂର୍ତ୍ତ ଉପଖଣ୍ଡ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

# ପାଣି, ବିଦ୍ୟୁତ୍ ଓ ଲକ୍ଷ୍ମୀବସ୍ ସୁବିଧା ଯୋଗାଣ ଦାବି

କେନ୍ଦୁଝର,୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ନିଶ୍ଚିତପୁର ପଞ୍ଚାୟତ ଦେଓଝର ହରିଡ଼ାଯୋଡ଼ି ଓ କନକନା ଗ୍ରାମର ବାସିନ୍ଦା ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଗ୍ରାମରେ ପାଖାପାଖି ୧୫ ଶହ ଭୋଟର ବସବାସ କରୁଥିବା ବେଳେ ମୌଳିକ ସୁବିଧା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମରେ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ଲୋକମାନେ ଅନ୍ଧାରରେ ରାତି କାଟୁଛନ୍ତି। ରାତିରେ ବାହାରକୁ ବାହାରିଲେ ହାତୀ ଓ ସାପ ଭୟ ରହୁଛି। ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ କୌଣସି ସୁଫଳ ମିଳୁନି। ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପିଇବା ପାଣି, ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ଏବଂ ଯାତାୟାତ ସୁବିଧା ପାଇଁ ଲକ୍ଷ୍ମୀ ବସ୍ ସେବା ଯୋଗାଇବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ବାସିନ୍ଦା ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ସମିତି ସଭ୍ୟା ଜ୍ୟୋତ୍ସ୍ନାରାଣୀ ବାରିକ, ୱାର୍ଡସଭ୍ୟ ଘାସିରାମ ମୁଣ୍ଡା, ଉଗ୍ରସେନ ମୁଣ୍ଡା ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

# ରାସାୟନିକ ବିପର୍ଯ୍ୟୟ ବେଳେ ସହଭାଗିତା ଉପରେ ଗୁରୁତ୍ୱ



ସମ୍ମିଳନୀରେ ଉପସ୍ଥିତ ଅଧିକାରୀଗଣ।

ବାଲେଶ୍ୱର, ୩।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଏନ୍‌ଆଇସି ସମ୍ମିଳନୀ କକ୍ଷରେ ବୁଧବାର ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ଏକ ରାସାୟନିକ ବିପର୍ଯ୍ୟୟର ଆଭିମୁଖୀକରଣ ଏବଂ ସମନ୍ୱୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବରିଷ୍ଠ ଅଧିକାରୀ ତଥା ଫାଲକନ ଇଣ୍ଡଷ୍ଟ୍ରି ଓ ଇଣ୍ଡେନ ବଟଲିଂ କମ୍ପାନୀର ଅଧିକାରୀମାନେ ଯୋଗଦେଇଥିଲେ।

ଆସନ୍ତା ୧୧ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମକ୍ ଏକ୍ସରସାଇଜ ବିଷୟରେ ଏନଡ଼ିଏମ୍ଏ ଅଧିକାରୀ ଅନଲାଇନ ମାଧ୍ୟମରେ ବୈଠକରେ ଯୋଡ଼ି ହୋଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକରେ ଯୋଗଦେଇ ଓସଡ଼ମା ଅଧିକାରୀମାନେ କାର୍ଯ୍ୟକ୍ରମର ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିଥିଲେ। ରାସାୟନିକ ବିପର୍ଯ୍ୟୟ ସମୟରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକର ସହାଭାଗିତା ଏହି ସଭାର ମୁଖ୍ୟ ପ୍ରସଙ୍ଗ ଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆସନ୍ତା ୮ ତାରିଖରେ ଜିଲା ପ୍ରସ୍ତୁତି ବୈଠକ, ୯ ତାରିଖରେ ଟେବୁଲ ଟପ୍ ଏକ୍ସରସାଇଜ ଏବଂ ୧୧ ତାରିଖରେ ମକ୍ ଏକ୍ସରସାଇଜ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

